# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 25 March - 2026

************************************

## ମୁଖ୍ୟ ସମ୍ବାଦ

- ପୁରୀ ଶ୍ରୀମନ୍ଦିର ଶ୍ରୀଜୀଉଙ୍କ ପ୍ରଥମ ଦିନରେ ଚଳନ୍ତୀ ରତ୍ନଭଣ୍ଡାର ଅଳଙ୍କାରର ଗଣତି ମଣତି ଶେଷ
- ବିଧାନସଭାରେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ସ୍ୱରାଷ୍ଟ୍ର ବିଭାଗର ଆଗତ ଖର୍ଚ୍ଚଦାବି ଉପରେ ଜାରି ରହିଛି ଆଲୋଚନା
- ରାଜ୍ୟରେ ଚଳିତ ଖରିଫ୍‌ଋତୁରେ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ୍‌ଟନ୍ ଧାନ ସଂଗ୍ରହ

ଏବଂ

- ରାଜ୍ୟରେ ଆସନ୍ତା ତିନି ଦିନ ପର୍ଯ୍ୟନ୍ତ ବଜ୍ରପାତ ସହିତ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି

## ଶ୍ରୀମନ୍ଦିର ରତ୍ନ ଗଣତି ମଣତି

ପୁରୀ ଶ୍ରୀମନ୍ଦିରରେ ଆଜିଠାରୁ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଅଳଙ୍କାରର ଗଣତି-ମଣତି ପ୍ରକ୍ରିୟା ଆରମ୍ଭ ହୋଇଛି। ମାହେନ୍ଦ୍ର ବେଳା ମଧ୍ୟାହ୍ନ ୧୨ଟା ୩୫ରେ ସ୍ୱତନ୍ତ୍ର ପ୍ରତିନିଧି ଦଳ ଶ୍ରୀମନ୍ଦିରରେ ପ୍ରବେଶ କରି ଗଣତି ପ୍ରକ୍ରିୟା ଆରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ତତ୍ତ୍ୱାବଧାରକ ଏବଂ ପରିଚାଳନା ଦଳ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପ୍ରଥମ ଦିନରେ ପ୍ରାୟ ଛଅ ଘଣ୍ଟା ଗଣତି-ମଣତି ପରେ ଚଳନ୍ତି ଭଣ୍ଡାର ଘରେ ଥିବା ଅଳଙ୍କାର ଗୁଡ଼ିକର ଗଣତି-ମଣତି ଶେଷ ହୋଇଥିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟ ଅଳଙ୍କାରଗୁଡ଼ିକର ଗଣତି-ମଣତି ପ୍ରକ୍ରିୟା ଜାରି ରହିବ। ୧୯୭୮ ମସିହାରେ ହୋଇଥିବା ଗଣତି-ମଣତି ରିପୋର୍ଟ ସହ ବର୍ତ୍ତମାନର ଗଣତି-ମଣତି ମେଳକ କରାଯାଇ ଅଳଙ୍କାର ଗୁଡ଼ିକୁ ଟ୍ୟାଗିଂ କରାଯିବ।

### ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନ ଅଧିବେଶନରେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ସ୍ୱରାଷ୍ଟ୍ର ବିଭାଗ ନିମନ୍ତେ ଆଗତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗତ କରିଥିବା ଖର୍ଚ୍ଚଦାବି ଉପରେ ଆଲୋଚନ ହୋଇଥିଲା। ସ୍ୱରାଷ୍ଟ୍ର ବିଭାଗ ନିମନ୍ତେ ୧୦ ହଜାର ୭୮୬ କୋଟି ୬୦ ହଜାର ଟଙ୍କା ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପାଇଁ ୭୭୩ କୋଟି ୯୯ ଲକ୍ଷ ୪୧ ହଜାର ଟଙ୍କାର

ଖର୍ଚ୍ଚଦାବି ଉପସ୍ଥାପନ କରିଥିଲେ। ଗୃହରେ ବିରୋଧୀଙ୍କ ଅନୁପସ୍ଥିତିରେ ଖର୍ଚ୍ଚଦାବି ଆଲୋଚନା ହୋଇଥିଲା। ଶାସକ ଦଳର ସଦସ୍ୟ ଇରାଶୀଷ ଆଚାର୍ଯ୍ୟ, ଦୁଷ୍ମନ୍ତ ସ୍ୱାଇଁ, ସନ୍ତୋଷ ଖଟୁଆ, ପଦ୍ମଲୋଚନ ପଣ୍ଡା ଓ ଅନ୍ୟ ସଦସ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହରେ ଉତ୍ତର ରଖିବା ପରେ ଖର୍ଚ୍ଚଦାବି ଗୃହୀତ ହେବ ବୋଲି ଜଣାପଡିଛି।

## ଧର୍ମେନ୍ଦ୍ର ପ୍ରଧାନ

ବୈଶ୍ୱିକ ସ୍ଥିତି, ବିଶେଷକରି ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ଏବଂ ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ଦେଶର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ଉପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଭବିଷ୍ୟତରେ ଦେଶର ତୈଳ ଆବଶ୍ୟକତାକୁ ସୁରକ୍ଷିତ ରଖିବା ସହିତ ଯାଜପୁର ଜିଲ୍ଲାର ଚଣ୍ଡିଖୋଲଠାରେ ପ୍ରତିଷ୍ଠା ହେବାକୁ ଥିବା ଚାରି ମିଲିୟନ୍ ମେଟ୍ରିକ୍‌ଟନ୍ କ୍ଷମତାବିଶିଷ୍ଟ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ପ୍ରକଳ୍ପ କାର୍ଯ୍ୟ ଶେଷ ତଥା ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରମନ୍ତ୍ରୀ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି।

## ବିକଳ୍ପ ଇନ୍ଧନ

ରାଜ୍ୟରେ ବାଣିଜ୍ୟିକ ଗ୍ୟାସ୍ ଅଭାବ ଦୂର କରିବା ପାଇଁ ଜନସାଧାରଣ ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି

ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର  କହିଛନ୍ତି। ବିଧାନସଭାରେ ସଦସ୍ୟ  ଅନନ୍ତ ନାରାୟଣ ଜେନାଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି, ସମସ୍ତ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଗୁଡିକରେ ପିଏନ୍‌ଜି, ବିଦ୍ୟୁତଚାଳିତ ଓଭାନ୍, ଇଡକ୍ସନ୍, ବାଷ୍ପରନ୍ଧନ ପ୍ରଣାଳୀ ମାଧ୍ୟମରେ ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଜନସାଧାରଣଙ୍କୁ କୁହାଯାଇଛି। ଘରୋଇ ଏଲପିଜି ସିଲିଣ୍ଡରଗୁଡ଼ିକୁ ପ୍ରାଥମିକତା ଦେଇ ଶତପ୍ରତିଶତ ବିତରଣ କରାଯିବା ସହିତ ଶିଳ୍ପ ଅନୁଷ୍ଠାନ, ହୋଟେଲ, ରେଷ୍ଟୁରାଣ୍ଟ ଭଳି ବ୍ୟବସାୟିକ କ୍ଷେତ୍ରକୁ ସେମାନଙ୍କ ମାସିକ ଆବଶ୍ୟକତା ୨୦ ପ୍ରତିଶତ ଗ୍ୟାସ୍ ଯୋଗାଇ ଦିଆଯିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଏଲ୍‌ପିଜି ଗ୍ୟାସ୍‌ର ଅବୈଧ ଗଚ୍ଛିତ ଏବଂ ସଂଗ୍ରହ ଉପରେ ପ୍ରତ୍ୟେକ ଜିଲ୍ଲାରେ ଏନ୍‌ଫୋର୍ସ୍‌ମେଣ୍ଟ ସ୍କ୍ୱାଡ୍ ଦ୍ୱାରା ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

## ସ୍ୱଚ୍ଛ ଶକ୍ତି

ରାଜ୍ୟର ସହରାଞ୍ଚଳରେ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣକୁ ଶୀଘ୍ର ଶେଷ କରିବା ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପ ଗୁଡ଼ିକର ଅନୁମୋଦନ ପ୍ରକ୍ରିୟାକୁ ସରଳ ଏବଂ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ପଦକ୍ଷେପ ଆସନ୍ତା ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର

ରହିବ। ଏହି ପଦକ୍ଷେପ ରାଜ୍ୟରେ ପିଏନ୍‌ଜି ସଂଯୋଗକୁ ବଢ଼ାଇବା ସହିତ ଏକ ସ୍ଥାୟୀ ଏବଂ ଏକ ଶକ୍ତି ଦକ୍ଷ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ।

## ସିପିଇଟି

ସାଧାରଣ ସ୍ନାତକ ପ୍ରବେଶିକା ପରୀକ୍ଷା-ସିପିଇଟି ଆସନ୍ତା ମଇ ମାସ ୫ ତାରିଖରୁ ଆରମ୍ଭ ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୬-୨୭ ଶିକ୍ଷାବର୍ଷରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୩୧ ହଜାର ୯୧୫ଟି ସିଟ୍ ନିମନ୍ତେ ସର୍ବମୋଟ୍ ୫୮ ହଜାର ୭୦୮ ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଛନ୍ତି। ଫେବୃୟାରୀ ମାସ ୨୭ ତାରିଖରୁ ଚଳିତମାସ ୨୨ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିଲେ। ଆସନ୍ତାକାଲି ଆବେଦନକାରୀଙ୍କ ତଥ୍ୟ ରାଜ୍ୟ ଚୟନ ପରିଷଦକୁ ପ୍ରଦାନ କରାଯିବ। ଆସନ୍ତା ମାସ ୩୦ ତାରିଖ ଦିନ ପ୍ରବେଶିକା ପରୀକ୍ଷା ଆଡମିଟ୍ କାର୍ଡ ଉପଲବ୍ଧ ହେବ। ଜୁଲାଇ ମାସ ୧୦ ତାରିଖ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

## ଧାନ ସଂଗ୍ରହ

ରାଜ୍ୟରେ ଚଳିତ ଖରିଫ୍ ଋତୁରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ସୁଦ୍ଧା ରାଜ୍ୟର ବିଭିନ୍ନ ମଣ୍ଡିକୁ ପ୍ରାୟ ୭୫ ଲକ୍ଷ ୪୫ ହଜାର ୩୮୧ ମେଟ୍ରିକ୍ ଟନ୍ ଧାନ

ପହଞ୍ଚିଛି । ସେଥିମଧ୍ୟରୁ ୭୫ ଲକ୍ଷ ୨୦ ହଜାର ୨୧୨ ମେଟ୍ରିକ୍‌ଟନ୍ ଧାନ ସଂଗ୍ରହ ହୋଇଛି ବୋଲି ସରକାରୀ ସୂତ୍ରରୁ ଜଣାପଡିଛି । ଚଳିତବର୍ଷ ୧୮ ଲକ୍ଷ ୧୧ ହଜାର ୯୮୮ ଜଣ ଚାଷୀ ଧାନ ବିକ୍ରୟ କରିଛନ୍ତି । ସଂଗୃହୀତ ଧାନ ମଧ୍ୟରୁ ପ୍ରାୟ ୭୩ ଲକ୍ଷ ୪୬ ହଜାର ୨୨୬ ମେଟ୍ରିକ୍‌ଟନ୍ ଧାନ ମିଲରମାନେ ମଣ୍ଡିରୁ ଉଠାଇଛନ୍ତି । ଧାନ ସଂଗ୍ରହ କ୍ଷେତ୍ରରେ ବରଗଡ଼ ଜିଲ୍ଲା ଆଗରେ ରହିଛି ।

## ବିଧାନସଭା-ମଣ୍ଡି

ରାଜ୍ୟରେ ସରକାର ଦ୍ୱିତୀୟ ପର୍ଯ୍ୟାୟରେ ମୋଟ୍ ୬୨ଟି ଆଦର୍ଶ ମଣ୍ଡି ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି । ବିଧାନସଭାରେ ସଦସ୍ୟ ପଦ୍ମଲୋଚନ ପଣ୍ଡାଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି, ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ଧାନ ସମେତ ଅନ୍ୟାନ୍ୟ କୃଷିଜାତ ପଦାର୍ଥର ବିପଣନ ତଥା ଉଚିତ ମୂଲ୍ୟ ପ୍ରଦାନ ଉଦ୍ଦେଶ୍ୟରେ ସରକାର ଆଦର୍ଶ ମଣ୍ଡି ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ୨୦୨୫-୨୬ରୁ ୨୦୨୬-୨୭ ଆର୍ଥିକବର୍ଷ ମଧ୍ୟରେ ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ସମୁଦାୟ ୩୮ଟି ଆଦର୍ଶମଣ୍ଡି ବିକଶିତ କରାଯିବ ।

## ମାଓମୁକ୍ତ ରାଜ୍ୟ

ରାଜ୍ୟରେ ମାଓବାଦୀ ମୁକାବିଲା ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି ବୋଲି ନକ୍ସଲ ବିରୋଧୀ ଅପରେସନ୍ ଦାୟିତ୍ୱରେ ଥିବା ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି । ଓଡ଼ିଶା ପୁଲିସ୍ ସହିତ ଡିଭିଏଫ୍,

ବିଏସ୍ଏଫ୍, ସିଆରପିଏଫ୍, ଏସ୍ଓଜି ଯବାନ ଏବଂ ସ୍ୱତନ୍ତ୍ର ଗୁଇନ୍ଦା ବିଭାଗର ମିଳିତ ସହଯୋଗରେ ମାଓବାଦୀମୁକ୍ତ ଅଭିଯାନ ଜାରି ରହିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ଓଡ଼ିଶା ସମ୍ପୂର୍ଣ୍ଣ ମାଓମୁକ୍ତ ହେବ ବୋଲି ଆଶା କରାଯାଉଛି। ପୂର୍ବରୁ ବୌଦ୍ଧ, ମାଲକାନଗିରି, କୋରାପୁଟ ଜିଲ୍ଲା ମାଓମୁକ୍ତ ହୋଇସାରିଛି। ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲା ସମ୍ପୂର୍ଣ୍ଣ ମାଓମୁକ୍ତ ହୋଇଥିବା ନେଇ ଖବର ମିଳିଛି। ବର୍ତ୍ତମାନ କନ୍ଧମାଳ ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ୮ ରୁ ୧୦ ଜଣ ମାଓବାଦୀ ସକ୍ରିୟ ଥିବା ଜଣାପଡିଛି।

## ଦୀନଦୟାଲ ମହାଭିଯାନ

**ଢେଙ୍କାନାଳ** ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଦୁଇଦିନ ବ୍ୟାପୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଦୀନଦୟାଲଙ୍କ ଆଦର୍ଶକୁ ଅନୁସରଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଫଳତା ଉପରେ ଆଲୋଚନା କରାଯାଇଥିଲା।

## ବାଲ୍ୟବିବାହ ସଚେତନତା

**ନବରଙ୍ଗପୁର** ଜିଲ୍ଲା କୋଷାଗୁମୁଡା ବ୍ଲକ୍ ଅନ୍ତର୍ଗତ ସରକାରୀ ସ୍ନାତକ ମହାବିଦ୍ୟାଳୟରେ ବାଲ୍ୟବିବାହ ନିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟବିବାହର କୁ-ପ୍ରଭାବ ଏବଂ ଏହାକୁ ପ୍ରତିହତ କରିବା

ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

## ଜନଗଣନା ପ୍ରଶିକ୍ଷଣ

**ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍ ହାରାମଣି ସରକାରୀ ବାଳିକା ବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଜନଗଣନାକୁ ନେଇ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଶିବିରରେ ଯୋଗଦେଇ ନିର୍ଭୁଲ ଜନଗଣନା, ବାସଗୃହ ତାଲିକା ପ୍ରସ୍ତୁତି ଏବଂ ମ୍ୟାପିଂ ଉପରେ ପରାମର୍ଶ ଦେଇଥିଲେ। ତିନିଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ୪୭ ଜଣ ସୁପରଭାଇଜର, ୨୭୪ ଜଣ ଗଣନାକାରୀ ନିୟୋଜିତ ହୋଇଛନ୍ତି।

## ସ୍ୱାସ୍ଥ୍ୟ ସଚେତନତା

**ବୌଦ୍ଧ** ଜିଲ୍ଲାର ଆଦର୍ଶ ମହାବିଦ୍ୟାଳୟରେ ଏକ ମାନସିକ ସ୍ୱାସ୍ଥ୍ୟ ସଚେତନତା ଏବଂ ଆତ୍ମହତ୍ୟା ପ୍ରତିରୋଧ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୋଗଦେଇ ଆତ୍ମହତ୍ୟା ସବୁ ସମସ୍ୟାର ସମାଧାନ ନୁହେଁ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

## ଶ୍ରୀରାମନବମୀ

**ଭଦ୍ରକ**ର ଶ୍ରୀରାମନବମୀ ମହାଯଜ୍ଞ ସମିତି ପକ୍ଷରୁ ଆସନ୍ତା ରାମନବମୀ ଉପଲକ୍ଷେ ସାତଦିନ ଧରି ଯଜ୍ଞ ଅନୁଷ୍ଠିତ ହେଉଛି। ଅଯୋଧ୍ୟା ଶ୍ରୀରାମଙ୍କ ମନ୍ଦିରରୁ ଆଜ୍ଞାମାଳ ଆସିବା ସହିତ ମା’ ଭଦ୍ରକାଳୀ ପୀଠ, ବିରଜା କ୍ଷେତ୍ର

ଏବଂ ଆରଡୀର ବାବା ଆଖଣ୍ଡଳମଣି ପୀଠରୁ ଆଜ୍ଞାମାଳ ପହଞ୍ଚିଛି। ରାମନବମୀ ଉପଲକ୍ଷେ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଖବର ସଂକ୍ଷିପ୍ତରେ

**ଦେବଗଡ଼** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଖାଉଟି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଯୋଗଦେଇ ଖାଉଟି ସଚେତନତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

**ମାଲକାନଗିରି** ପେଡାକୋଣ୍ଡା ଗ୍ରାମପଞ୍ଚାୟତରେ ଶ୍ରମିକ ପଞ୍ଜୀକରଣ ଓ ସଚେତନତା ଶିବିର ଶେଷ ହୋଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜ ସିର୍କେ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରମିକମାନଙ୍କୁ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

## ପାଣିପାଗ

ରାଜ୍ୟରେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବଜ୍ରପାତ ସହିତ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତାକାଲି ସକାଳ ସୁଦ୍ଧା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼ ଓ ଅନୁଗୁଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହିତ

ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ଅନୁମାନ କରାଯାଇଛି । କେତେକ ଜିଲ୍ଲାରେ ପବନର ବେଗ ୪୦ ରୁ ୫୦ କିଲୋମିଟର ରହିବ । ସୋନପୁର ବ୍ୟତୀତ ରାଜ୍ୟର କୌଣସି ସ୍ଥାନରେ ଆଜି ତାପମାତ୍ରା ୩୮ ଡିଗ୍ରୀରୁ ଅଧିକ ନଥିଲା । କାଳବୈଶାଖୀର ପ୍ରଭାବରେ ଆଜି ରାଜ୍ୟର କେତେକ ସ୍ଥାନରେ ଝଡ଼ତୋପାନ ସହିତ ଗଛ ଉପୁଡିବା ସମ୍ବାଦ ଆମର ହସ୍ତଗତ ହୋଇଛି ।